# ସବୁଜ ଗିରି
# SABUJAGIRI

## କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

A Quarterly Newsletter of KVK, GAJAPATI, ODISHA

ତୃତୀୟ ବର୍ଷ | ସଂଖ୍ୟା : ୩-୪ | ଜୁଲାଇ - ଡିସେମ୍ବର-୨୦୧୦












### ସଂପ୍ରସାରଣ ଶିକ୍ଷା ଅଧକ୍ଷଙ୍କ ବାର୍ତ୍ତା



ଆଦିବାସୀ ଅଧ୍ୟୁସିତ ଗଜପତି ଜିଲ୍ଲାର ଜୀବନ ଜୀବୀକା ବିବିଧ କୃଷିରୁ ସମ୍ଭବ ହୋଇପାରୁଛି । ଧାନ ବ୍ୟତୀତ ମକା, ମାଣ୍ଡିଆ, ଡାଲି ଓ ତୈଳବୀଜ ଜାତୀୟ ଅଣଧାନ ଫସଲ ତଥା ପନିପରିବା, ଫଳ ଓ ସମଲାଗଷ ଏହି ବିବିଧ କୃଷିର ମୂଖ୍ୟ ଉପାଦାନ । ମାତ୍ର ଏହି ଫସଲର ଉତ୍ପାଦନ ଓ ଉତ୍ପାଦକତା ଆଶାନୁରୂପ ହେଉ ନଥିବାରୁ କୃଷକ ମାନଙ୍କର ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ଯଥେଷ୍ଟ ପଭ୍ରାବିତ ହୋଇଥାଏ । ଏହି ସମସ୍ୟାକୁ ଭିତ୍ତିକରି ଜିଲ୍ଲାର କୃଷିବିଜ୍ଞାନ କେନ୍ଦ୍ର ବିଭିନ୍ନ କ୍ଷେତ୍ର ପରୀକ୍ଷଣ, ପ୍ରଦର୍ଶନ, ପ୍ରଶିକ୍ଷଣ ତଥା କୃଷି ପରାମର୍ଶ ସେବା ମାଧ୍ୟମରେ କୃଷିକ୍ଷେତ୍ରରେ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରାଇବା ପାଇଁ ଚେଷ୍ଟିତ । ଜିଲ୍ଲାର ଭୌଗଳିକ ଆୟତନର ପ୍ରାୟ ୫୭% ଜଙ୍ଗଲ ସମ୍ପଦ ପରିପୂର୍ଣ୍ଣ । ତେଣୁ ଆମ୍ବ, କମଳା, ଲିଚୁ, ପିଜୁଳି ସହ ଅଦା, ହଳଦୀ, ଡଲଚିନି, ଗୋଲମରିଚ ଏବଂ ମହୁ ଚାଷର ଯଥେଷ୍ଟ ପ୍ରସାର ପାଇଁ କୃଷିବିଜ୍ଞାନ କେନ୍ଦ୍ରର ବୌଜ୍ଞାନିକ ମାନେ ବିଭିନ୍ନ ବୈଷୟିକ କାର୍ଯ୍ୟକ୍ରମ ମାଧ୍ୟମରେ କୃଷି ସଚେତନତା ସୃଷ୍ଟି କରୁଛନ୍ତି । ଉକ୍ତ ପରିପ୍ରେକ୍ଷୀରେ କେନ୍ଦ୍ରର ନିଜସ୍ୱ ସମାଚାର ପତ୍ର **''ସବୁଜ ଗିରି''** କୃଷି ଓ ଆନୁସଙ୍ଗୀକ କ୍ଷେତ୍ରରେ ସଫଳତାର ବାର୍ତ୍ତା ବହନ କରି କୃଷକ ମାନଙ୍କପାଇଁ ଏକ ପ୍ରେରଣାର ଉତ୍ସ ହୋଇପାରିଛି । ଏହି ସମୟୋଚିତ ପତ୍ରିକା **''ସବୁଜ ଗିରି''**ର ତୃତୀୟ ବର୍ଷର ଦ୍ୱିତୀୟ 'ସଂକଳନ' ଠିକ୍ ସମୟରେ ପ୍ରକାଶିତ ହେଉଥିବାରୁ ମୁଁ ଆନନ୍ଦିତ । କୃଷିବିଜ୍ଞାନ କେନ୍ଦ୍ରର ଏହି ମହତ ପଦକ୍ଷେପ ସ୍ୱାଗତଯୋଗ୍ୟ । ମୁଁ ଏହି ସମାଚାର ପତ୍ରର ସଫଳତା କମନା କରୁଛି । କୃଷକ, ମହିଳା ଚାଷୀ ତଥା କୃଷିଆନୁସଙ୍ଗୀକ ବିଭାଗର ସଂପ୍ରସାରଣ କର୍ମକର୍ତ୍ତାଙ୍କ ନିମନ୍ତେ ଏହା ବିଶେଷ ସହାୟକ ହୋଇ ପାରିବ ବୋଲି ମୋର ଆଶା ।

ଅଧକ୍ଷ, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

### ମୂଖ୍ୟ ସମ୍ପାଦକଙ୍କ କଲମରୁ....



କୃଷିବିଜ୍ଞାନ କେନ୍ଦ୍ର ଗଜପତି ଜିଲ୍ଲାରେ ୨୦୦୫-୦୬ ମସିହା ଠାରୁ କୃଷିପରିବାରର କୃଷି ଆନୁସଙ୍ଗୀକ ଦିଗରେ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟରତ । ସହଭାଗୀ ଗ୍ରାମ୍ୟ ଅବଧାରଣା ଦ୍ୱାରା ମୂଖ୍ୟ କୃଷିଜନିତ ସମସ୍ୟା ନିରୂପଣ କରି ବିଭିନ୍ନ କୃଷି ସଂସ୍ଥିତି ଆଧାରରେ ପରୀକ୍ଷଣ ତଥା ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ, ପ୍ରଶିକ୍ଷଣ ଏବଂ କୃଷି ପରାମର୍ଶ ସେବା ମାଧ୍ୟମରେ ଉନ୍ନତ କୃଷି କୌଶଳ କୃଷକମାନଙ୍କୁ ହସ୍ତାନ୍ତର କରାଯାଏ । କୃଷକ / କୃଷିରତ ମହିଳା ଏବଂ ସର୍ବୋପରି ଗ୍ରାମ୍ୟ ଯୁବକୃଷକ ଗୋଷ୍ଠିର କୃଷି ବୈଷୟିକ ପରିଚାଳନାରେ ଦକ୍ଷତା ବିକାଶ ଦ୍ୱାରା ଆୟକାରୀ କୃଷି ବ୍ୟବସାୟ ଗ୍ରହଣ କରି ପାରିବାରିକ ରୋଜଗାର ବୃଦ୍ଧିକୁ ଅଗ୍ରାଧିକାର ଦିଆଯାଇଛି । ପ୍ରାକୃତିକ ସଂମ୍ପଦ ପରିପୂର୍ଣ୍ଣ ଗଜପତି ଜିଲ୍ଲାରେ ପ୍ରାୟ ସମସ୍ତ କୃଷିକାର୍ଯ୍ୟରେ ମହିଳାମାନେ ସକ୍ରିୟ ଅଂଶଗ୍ରହଣ କରନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଜୈବ ବିବିଧତାକୁ ସୁରକ୍ଷିତ ରଖି ଏକ ପରିବେଶ ଅନୁକୂଳ କୃଷି ଖସଡ଼ା ପ୍ରସ୍ତୁତି ପାଇଁ ମହିଳା ଚାଷୀମାନଙ୍କୁ ସଚେତନ କରାଯାଉଛ । କୃଷି ବିଜ୍ଞାନକେନ୍ଦ୍ରର ପୋଷ୍ୟ ଗ୍ରାମ୍ୟ ତଥା ସମାନ କୃଷିସଂସ୍ଥିତିରେ କୃଷକ ପରିବାରର ସକ୍ରିୟ ସହଭାଗିତାଦ୍ୱାରା ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗରୁ ଧାନ, ମକା, ମଣ୍ଡିଆ, ପନିପରିବା, ଡ଼ାଲି ଓ ତୈଳବିଜ ଫସଲ ସହ ଫୁଲ , ଛତୁ ଓ ମହୁ ଚାଷ, କୁକୁଡ଼ା, ବତକ ଏବଂ ଗୋପାଳନଆଦି କ୍ଷେତ୍ରରେ ଉତ୍ପାଦନ ଏବଂ ଉତ୍ପାଦକତା ଅନେକାଂଶରେ ବୃଦ୍ଧି ପାଇଛି । ସେହି ମାନଙ୍କ ସଫଳତାକୁ ବହନକରି କୃଷି ବିଜ୍ଞାନ କେନ୍ଦ୍ର ତ୍ରୟମାଶିକ ସମାଚାର ପତ୍ର ପ୍ରକାଶିତ ହେଉଛି । ଆଶାକରେ କୃଷକ ସଫଳତାର ସନ୍ଦେଶ ବହନ କରୁଥିବା ଏହି ସମାଚାର ପତ୍ର କୃଷି କ୍ଷେତ୍ରରେ ଅଗ୍ରଗତି ପାଇଁ କୃଷି ପରିବାରକୁ ଯଥେଷ୍ଟ ପ୍ରେରଣା ଯୋଗାଇବ ।

ଶ୍ରୀମତୀ ବିଷ୍ଣୁପ୍ରିୟା ମିଶ୍ର
Programme Coordinator

## ବର୍ଷାଦିନେ ଅଦିନିଆ ପନିପରିବା ଚାଷରୁ ଅଧିକ ଉପାର୍ଜନ

ଗଜପତି ଜିଲ୍ଲାର ରା.ଉଦୟଗିରି, ମହନା, ଗୁମ୍ମା ବ୍ଲକ ଏବଂ ରାୟଗଡ଼ ଓ ନୂଆଗଡ଼ ବ୍ଲକର ଅଧିକାଂଶ ଅଞ୍ଚଳ ବର୍ଷାଦିନିଆ ଅଦିନିଆ ପନିପରିବା ଚାଷ ପାଇଁ ଉପଯୁକ୍ତ । ସ୍ୱଳ୍ପ ରୋଜଗାର ଚାଲୁଥିବା ଅଧିକାଂଶ ଚାଷୀ ନାମମାତ୍ର ଶ୍ରେଣୀର । ତେଣୁ ଏହି ଶ୍ରେଣୀର ଚାଷୀଙ୍କର ଆୟବୃଦ୍ଧି ଉଦ୍ଦେଶ୍ୟରେ କୃଷି ବିଜ୍ଞାନକେନ୍ଦ୍ର ଦ୍ୱାରା ସହଭାଗୀ ଅବଧାରଣାରୁ ବର୍ଷାଦିନିଆ ପନିପରିବା ଚାଷ ଉପରେ ଅଗ୍ରାଧିକାର ଦିଆଯାଇଥିଲା । ବର୍ଷାଦିନିଆ ଫୁଲକୋଷି ଚାଷ ସଂପର୍କୀୟ କ୍ଷେତ୍ର ପ୍ରଦର୍ଶନ ଏବଂ ପ୍ରଶିକ୍ଷଣ ଦ୍ୱାରା ରା.ଉଦୟଗିରି ବ୍ଲକ୍‌ର ଫଟା ଚାଇଁଡ଼ା ଏବଂ ରେମୁଣ୍ଡା କଲୋନି ତଥା ମହନା ବ୍ଲକ୍‌ର ଗୋବିନ୍ଦପୁର ଗ୍ରାମର ପ୍ରାୟ ଅନେକ ନାମମାତ୍ର ଚାଷୀ ଅଦିନିଆ ଫୁଲକୋଷି ଚାଷକରି ପାରୁଛନ୍ତି । ଏହାଙ୍କର ପ୍ରତି ୨୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ କରିପାରୁଛି । କୋବିର ବଜାର ଚାହିଦା ଭଲ ରହିଥିବାରୁ ଚାଷୀ କେ.ଜି. ପିଛା ୪୦ ଟଙ୍କାରେ ବିକ୍ରିକରି ଯଥେଷ୍ଟ ଲାଭବାନ ହୋଇପାରୁଛନ୍ତି । ସେଥିପାଇଁ ଅଳ୍ପପାଣି ପ୍ରବନ୍ଧନ ଥିବା ଯାଗାରେ ମେ ମାସରେ ତଳି ପକାଇ ଜୁନ ମାସ ଶେଷ ସପ୍ତାହରେ ତଳି ରୁଆ ଯାଉଛି ଏବଂ କୋବି ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ଅମଳ ହୋଇପାରୁଛି । ଏହି ଚାଷରେ ଏବେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି ।





## ମହିଳା ମାନଙ୍କ ଦ୍ୱାରା ପାଳଛତୁ, ଚାଷରୁ ପାରିବାରିକ ଆୟ ବୃଦ୍ଧି

କୃଷି ଜାତ ଦ୍ରବ୍ୟର ସୁକ୍ଷମ ପରିଚାଳନା ଦ୍ୱାରା ପାରିବାରିକ ଆୟ ବୃଦ୍ଧି ହେତୁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପ୍ରଶିକ୍ଷଣ ତଥା ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ କେତେକ ମହିଳା ସ୍ୱୟଂ ସହାୟିକା ଦଳ ପାଳଛତୁ ଚାଷ କରି ପାରିବାରିକ ଆୟ ବୃଦ୍ଧିରେ ସଫଳ ହୋଇ ପାରୁଛନ୍ତି । ରାୟଗଡ଼ା ବ୍ଲକର ଚମ୍ପାପୁର, ଗୋଷାଣୀ ବ୍ଲକର ମଧୁସୁଦନ ପୁର, ରା.ଉଦୟଗିରି ବ୍ଲକର ଲବୁର ସିଂ, ଶବର ପଲ୍ଲୀ ମକାପଦା ଏବଂ ମହନା ବ୍ଲକର ଅନେକ ମହିଳା ଚାଷୀ ବର୍ଷାଦିନେ ପାଳଛତୁ ଚାଷ କରି ବେଡ ପିଛା ୩୫ ଟଙ୍କା ଖର୍ଚ୍ଚରେ ୧.୫ କେ.ଜି. ଛତୁ ଅମଳ କରୁଛନ୍ତି । ଛତୁ କେ.ଜି. ୯୦ ଟଙ୍କାରେ ନିକଟସ୍ଥ ବଜାରରେ ସହଜରେ ବିକ୍ରି ହୋଇପାରୁଛି । ଏହାଦ୍ୱାରା ଧାନନଡ଼ାରୁ ପାଳଛତୁ ଉତ୍ପାଦନ ପରେ, ଫୁଟି ସାରିଥିବା ବେଡକୁ କମ୍ପୋଷ୍ଟ ତିଆରି ପାଇଁ ମଧ୍ୟ ବ୍ୟବହାର କରାଯାଇପାରୁଛି । ମାତ୍ର ଜିଲ୍ଲାରେ କୌଣସି ଠାରେ ଛତୁ ବିହନ ଉତ୍ପାଦନ ହେଉନଥିବାରୁ ଛତୁ ବିହନ ବାହାରୁ ଅଧିକ ଦାମରେ କିଣିବାକୁ ପଡୁଛି ଏବଂ ସମୟେ ସମୟେ ବିହନ ସହଜରେ ଉପଲବ୍ଧ ହୋଇପାରୁନଥିବାରୁ ଏ ଦିଗରେ ଅନେକ ମହିଳା ଚାଷୀ ଆଗ୍ରହୀ ଥିବା ସତ୍ତ୍ୱେ ଅଗ୍ରଗତି କରି ପାରୁନାହାନ୍ତି ।





## କୃଷକ ମେଳା ମାଧ୍ୟମରେ 'ଜୈବ ବିବିଧତା' ଏବଂ 'ବିଜ୍ଞାନ ସମ୍ମତ କୃଷି' ସଚେତନତା



କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଚଳିତ ବର୍ଷ ସେପ୍ଟେମ୍ବର ମାସ ୩୦ ତାରିଖରେ ରା.ଉଦୟଗିରି ବ୍ଲକର ପରିଶୋଳ ଗ୍ରାମରେ ଏକ କୃଷକ ମେଳା ଅନୁଷ୍ଠିତ ହୋଇଥିଲା କାର୍ଯ୍ୟକ୍ରମରେ ବିଜ୍ଞାନ ସମ୍ମତ କୃଷି ଅମ୍ଳମାଟିର ଶୋଧନ, ଜୈବ ସାର ପ୍ରୟୋଗ, ଉନ୍ନତ ତଥା ଅଧିକ ଅମଳକ୍ଷମ ବିହନ ବ୍ୟବହାର ଏବଂ ସମନ୍ୱିତ କୃଷି ଉପରେ ବିଶଦ ଆଲୋଚନା କରାଯାଇଥିଲା। ଏହା ସହିତ ଗଜପତି ଜିଲ୍ଲାରେ ଚାଷ ହୋଇ ଆସୁଥିବା ପାରମ୍ପରିକ ଫସଲ ଯଥା ମାଣ୍ଡିଆ, ମୁଗ, ବିରି, ସୁଆଁ, ଜହ୍ନା, କାନ୍ଦୁଲ ଫସଲ ଆଦିର ଜୈବ ବିବଧତାକୁ ଅଧିକ ପ୍ରୋତ୍ସାହନ ଦେଇ ଦେଶୀୟ ଚାଷ ପ୍ରଣାଳୀ ଏବଂ ପ୍ରଜାତି / କିସମର ଉପାଦେୟତା ଅନୁଧ୍ୟାନ କରି ଏହାକୁ ସଂରକ୍ଷିତ କରି ରଖିବାର ଆବଶ୍ୟକତା ଉପରେ ଚାଷୀ ମାନଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ କୃଷି ଓ ଉଦ୍ୟାନ ଅଧିକାରୀ, ବେସରକାରୀ ସଂଗଠନର କର୍ମକର୍ତ୍ତା ଏବଂ ATMA ର କୃଷି ଉପଦେଷ୍ଟା କମିଟିର ଅଧକ୍ଷ ଯୋଗ ଦେଇଥିଲେ। ଅଂଶ ଗ୍ରହଣ କରିଥିବା କୃଷକ ଏବଂ ମହିଳା ଚାଷୀମାନେ ଖରିଫ ଏବଂ ରବି ଫସଲର ଉତ୍ପାଦନ ବୃଦ୍ଧିର ଜ୍ଞାନ କୌଶଳ ସଂପର୍କରେ ପଚାରି ବୁଝିଥିଲେ ।

## ମୃତ୍ତିକା ପରୀକ୍ଷା ପ୍ରସାର ଅଭିଯାନ



ଜୈବ ସମ୍ପଦପରିପୂର୍ଣ୍ଣ ଗଜପତି ଜିଲ୍ଲାରେ ଅଧୁନା ମୃତ୍ତିକା କ୍ଷୟ ଜନିତ ସମସ୍ୟା ହେତୁ ମାଟିର ଉର୍ବରତା ହ୍ରାସ ଘଟୁଛି ଏବଂ ଅମ୍ଳତ୍ୱ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚଳିତ ବର୍ଷ ରା.ଉଦୟଗିରି ବ୍ଲକର କୁଶପଲ୍ଲୀ ଏବଂ ନୂଆଗଡ଼ ବ୍ଲକର ତାବରଡ଼ା ଗ୍ରାମରେ ମୃତ୍ତିକା ପରୀକ୍ଷା ଅଭିଯାନ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମାଟି ପରୀକ୍ଷାର ଆବଶ୍ୟକତା ମାଟିର ସ୍ୱାସ୍ଥ୍ୟରକ୍ଷା, ମୃତ୍ତିକାର ଉର୍ବରତା ବୃଦ୍ଧି ପାଇଁ ସୁଷମ ଓ ଜୈବିକ ସାର ପ୍ରୟୋଗ, ମୃତ୍ତିକା କ୍ଷୟ ରୋକିବାର ପ୍ରଣାଳୀ, ଜୀବାଣୁ ସାର ଓ ସବୁଜ ସାର ପ୍ରୟୋଗ ଏବଂ ସର୍ବୋପରି ଅମ୍ଳ ମାଟିର ଶୋଧନ ପାଇଁ କାଗଜ କଳ ମଇଳା ଏବଂ ଜିପସମ ବ୍ୟବହାର ସମ୍ବନ୍ଧରେ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ମାଟି ପରୀକ୍ଷା ପାଇଁ ନମୁନା ମାଟି ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ପଦ୍ଧତିର ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ଏହାଛଡ଼ା ମାଟିର ସ୍ୱାସ୍ଥ୍ୟ କାର୍ଡ଼ ସାହାଯ୍ୟରେ ଜମିରେ ଆବଶ୍ୟକୀୟ ଖତ ଓ ସାର ପ୍ରୟୋଗ କରିବା ଉପରେ ଚାଷୀମାନେ ଅବଗତ ହୋଇଥିଲେ ।

## ଟ୍ରାଇସାଇକ୍ଲୋଜୋଲ ବ୍ୟବହାର ଦ୍ୱାରା ଧାନର ମହିସା ରୋଗର ପରିଚାଳନା



ଧାନ ଫସଲରେ ପତ୍ରମହିସା, ପବ ମହିଷା ଓ ଗଳାମହିସା ରୋଗର ନିରାକରଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଟାବରଡ଼ା ଓ ଶବର ପଲ୍ଲୀ ଗ୍ରାମରେ କ୍ଷେତ୍ର ପ୍ରଦର୍ଶନ ଓ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ପ୍ରଦର୍ଶନରେ ଚାଷୀମାନଙ୍କୁ ବିହନ ବିଶୋଧନ ଓ ସିଞ୍ଚନ ପାଇଁ ଟ୍ରାଇସାଇକ୍ଲୋଜୋଲ ଯୋଗରେ ଦିଆଯାଇଥିଲା ଏହି ବିଷ ଓ ଔଷଧ ବ୍ୟବହାର ଦ୍ୱାରା ମହିସା ରୋଗ ୮୩ % କମିଥିବା ବେଳେ ଅମଳ ଏକର ପିଛା ହାରାହାରି ୪୧ କ୍ୱିଣ୍ଟାଲ ହୋଇଥିଲା ଯାହା ବିନା କୀଟନାଶକ ଉପଯୋଗ କ୍ଷେତରୁ ଶତକଡ଼ା ୪୧ ଭାଗ ଅଧିକ। ସେହି ଗ୍ରାମ ଓ ପାଖଗ୍ରାମର ଚାଷୀମାନେ ଏହି ସଫଳତା ଦେଖି ଟ୍ରାଇସାଇ କ୍ଲୋଜୋଲ୍ ବ୍ୟବହାର କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ।

## ମିତ୍ରକୀଟ ପ୍ରୟୋଗ ଦ୍ୱାରା ମକାର କାଣ୍ଡବିନ୍ଧା କୀଟର ପରିଚାଳନା



ଗଜପତି ଜିଲ୍ଲାରେ ମକାଚାଷର ଆବୃତ୍ତି ବୃଦ୍ଧି ପାଉଥିବା ସ୍ଥଳେ, ଫସଲରେ କାଣ୍ଡବିନ୍ଧା ପୋକ ଆକ୍ରମଣ ସମସ୍ୟା ମଧ୍ୟ ଦେଖାଦେଉଛି । କାଣ୍ଡବିନ୍ଧା ପୋକର ପରିଚାଳନା ପାଇଁ କୃଷିବିଜ୍ଞାନ କେନ୍ଦ୍ର ଦ୍ୱାରା ଫଟାଚାଞ୍ଜଡା ଗ୍ରାମରେ କ୍ଷେତ୍ର ପରୀକ୍ଷଣ ମାଧ୍ୟମରେ 'ଟ୍ରାଇକୋ ଗାମା' ନାମକ ଉପକାରୀ ପରଜିବୀ କୀଟକୁ ଟ୍ରାଇକୋକାର୍ଡ଼ ମାଧ୍ୟମରେ ହେକ୍ଟର ପିଛା ୧୫ଟି କାର୍ଡ଼ ୪-୧୦ ଦିନ ବ୍ୟବଧାନରେ ୨ ରୁ ୩ ଥର ଛଡ଼ା ହୋଇଥିଲା । ଏଥିସହ ୪୦ ଦିନ ପରେ କାର୍ବାରିଲ୍ କୀଟନାଶକ ହେକ୍ଟର ପିଛା ୧.୫କେଜି ସିଞ୍ଚନ କରାଯାଇଥିଲା । ଏହି ପ୍ରଦର୍ଶନରେ ମଲାମଞ୍ଜି ହାରାହାରି ୩୦ ଭାଗ କମିଥିବା ବେଳେ ଅମଳ ୨୦ ଭାଗ ବୃଦ୍ଧିପାଇ ଏକର ପିଛା ୧୬ କ୍ୱିଣ୍ଟାଲ ହୋଇଥିବା ଏହି ସଫଳତା ଦେଖି ଅନ୍ୟଚାଷୀମାନେ ମଧ୍ୟ ଏହି ବ୍ୟବସ୍ଥାକୁ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ।

## ତୈଳବୀଜ ଫସଲରେ ଆଗୁଆ ଧାଡ଼ି କ୍ଷେତ୍ରଦର୍ଶନ

ଗଜପତି ଜିଲ୍ଲାରେ ଖରିବ୍ ଋତୁରେ ୫୫୦ ହେକ୍ଟର ଜମିରେ ଚିନାବାଦାମ ଚାଷ କରାଯାଇଥିଲେ ମଧ୍ୟ ହେକ୍ଟର ପିଛା ଅମଳ ୧୩.୨ କ୍ୱିଣ୍ଟାଲରୁ ଅଧିକ ହେଉନାହିଁ । ଫସଲ ଉତ୍ପାଦନ ବୃଦ୍ଧିପାଇଁ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଉନ୍ନତ ଜ୍ଞାନକୌଶଳ ଦ୍ୱାରା ରାୟଗଡ଼ ବ୍ଲକର ପଦାସାହି ଓ ହାତିବାଡ଼ି ଗ୍ରାମରେ ଚଳିତ ଖରିଫ୍ ଋତୁରେ ୫ ହେକ୍ଟର ଜମିରେ ଚିନାବାଦାମର 'ଦେବୀ' କିସମର କ୍ଷେତ୍ର ଦର୍ଶନ କରାଯାଇଥିଲା । ଚାଷୀମାନଙ୍କୁ OTELP ମାଧ୍ୟମରେ ଉନ୍ନତ ବିହନ କିସମ ଯୋଗାଇଦିଆଯାଇଥିଲା । ଏବଂ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆବଶ୍ୟକ ଉଇମରା ଓ ବିହନ ବିଶୋଧନବିଷ, ଅନୁମୋଦିତ ସାର ଓ କୀଟନାଶକ ଯୋଗାଇ ଦିଆଯାଇଥିଲା। ଏତଦ୍ ବ୍ୟତୀତ ରାଇଜୋବିୟମ୍ କଲଚର କୁ ଖତ ଉପରେ କରି ଜମିରେ ପ୍ରୟୋଗ କରାଯାଇଥିଲା । ଚାଷୀମାନେ ଜିପ୍ସମ୍ ଏକର ପିଛା ଏକ କ୍ୱିଣ୍ଟାଲ ହିସାବରେ ଜମିରେ ପ୍ରୟୋଗ କରିଥିଲେ । ଏହାଦ୍ୱାରା ହାରାହାରି ଏକର ପିଛା ୧୭.୮ କ୍ୱିଣ୍ଟାଲ ଚିନାବାଦାମ ଅମଳ କରିଥିଲେ ଯାହାକି ପାରମ୍ପରିକ ପଦ୍ଧତିଠାରୁ ଶତକଡ଼ା ୪୪ଭାଗ ଅଧିକ ହୋଇଥିବା ସହ ଏଥି ସହିତ ଜିପସମ୍ ବ୍ୟବହାର ଦ୍ୱାରା ଚିନାବାଦାମ ଫମ୍ପା ହୋଇନାହିଁ ଓ ସେଥିରେ ତୈଳାଂଶ ବୃଦ୍ଧିପାଇଛି ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି । ଏହି ଚିନାବାଦାମ ଏବେ ବିହନ ଆକାରରେ ଚଳିତ ରବି ଋତୁପାଇଁ ବିକ୍ରିକରି ଚାଷୀମାନେ ଯଥେଷ୍ଟ ଲାଭବାନ ହୋଇଛନ୍ତି ।



## ମାଣ୍ଡିଆର-ଉନ୍ନତ କିସମ - 'ଭୈରବୀ'ର କ୍ଷେତ୍ର ପ୍ରଦର୍ଶନ

ଗଜପତି ଜିଲ୍ଲାରେ ଖରିଫ୍ ଋତୁରେ ପ୍ରାୟତଃ ୧୦୪୪୦ ହେକ୍ଟର ଜମିରେ ମାଣ୍ଡିଆଚାଷ ହେଉଛି । ଚାଷୀମାନେ ପାରମ୍ପରିକ ପଦ୍ଧତି ଓ କିସମ-ବୁଢ଼ା ମାଣ୍ଡିଆ ଚାଷ କରିବା ଯୋଗୁଁ କମ୍ ଅମଳ ପାଉଛନ୍ତି । ମାଣ୍ଡିଆର ଅମଳ ବୃଦ୍ଧି ନିମନ୍ତେ- କୃଷିବିଜ୍ଞାନ କେନ୍ଦ୍ର, ପକ୍ଷରୁ ଚଳିତ ଖରିଫ୍ ଋତୁରେ ମାଣ୍ଡିଆର ଉନ୍ନତ କିସମ- 'ଭୈରବୀ' ବିହନ ଶବରପଲ୍ଲୀ, କୁଶପଲ୍ଲୀ ଓ ଟାବରଡ଼ା ଗ୍ରାମର ଚାଷୀମାନଙ୍କୁ ଯୋଗାଇଦିଆଯିବା ସହ ଆବଶ୍ୟକ ବୈଷୟିକ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କ୍ଷେତ୍ର ପ୍ରଦର୍ଶନରେ ଅମଳ ହାରାହାରି ଏକର ପିଛା ୧୪.୨ କ୍ୱିଣ୍ଟାଲ୍ ହୋଇଥିଲା ଯାହା ପାରମ୍ପରିକ ବୁଢ଼ା ମାଣ୍ଡିଆ ଅମଳ ଠାରୁ ଶତକଡ଼ା ୫୭ ଭାଗ ଅଧିକ ହୋଇଛି। ଏହି ଉନ୍ନତ ଜ୍ଞାନକୌଶଳ ଓ ବିହନ ବ୍ୟବହାର କରି ଚାଷୀମାନେ ବିଶେଷ ଲାଭବାନ୍ ହୋଇପାରିଛନ୍ତି । ଆଖ ପାଖର ଚାଷୀମାନେ ଏହି ଚାଷୀଙ୍କ ଠାରୁ ଭୈରବି ବିହନକୁ କିଣିନେଇ ଚାଷ କରିବାରେ ଆଗ୍ରହ ପ୍ରକାଶ କରିଛନ୍ତି ।




## ଗାଜର ଘାସ ନିୟନ୍ତ୍ରଣ ଦିବସ ପାଳନ

ପ୍ରାୟ ସମସ୍ତ ଡ଼ିପ ଜମିରେ ଏହି ତୃଣକ ଚାଷୀମାନଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା। ଏହି ପରିପ୍ରେକ୍ଷୀରେ ଦେଶବ୍ୟାପୀ ଗାଜର ଘାସନିୟନ୍ତ୍ରଣ ସପ୍ତାହ ଉପଲକ୍ଷେ କୃଷି ବିଜ୍ଞାନ କେନ୍ଦ୍ର, ରା-ଉଦୟଗିରି ଆନୁକୁଲ୍ୟରେ ୧୨.୮.୧୦ ତାରିଖରେ ଫଟାଚାଞ୍ଜଡା ଗ୍ରାମରେ ଗାଜର ଘାସ ନିୟନ୍ତ୍ରଣ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ. ମଲ୍ଲିକ, ଏନ୍‌ଜିଓ କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ମନୁଷ୍ୟ, ଗୋରୁ ଗାଇ, ମତ୍ସ୍ୟ ସମ୍ପଦତଥା ଫସଲ ଉପରେ ଗାଜର ଘାସର କୁପ୍ରଭାବ (ବିଭିନ୍ନରୋଗ, ଶ୍ୱାସରୋଗ ଓ କ୍ୟାନସର୍ ଆଦି ମାରାତ୍ମକ ରୋଗ) ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା । ଏହାର ନିରାକରଣ ପାଇଁ ବିଭିନ୍ନ ପ୍ରଣାଳୀ ସମ୍ପର୍କରେ ଆଲୋଚନା ସହ ପ୍ରଦର୍ଶନ ଆୟୋଜିତ ହୋଇଥିଲା ।





## ମକାଫସଲରେ ସମନ୍ୱିତ ଖାଦ୍ୟଉପାଦାନର ପରିଚାଳନା

ଗଜପତି ଜିଲ୍ଲାରେ ମକା ଚାଷ ଆଦୃତି ଲାଭ କରଥିବାରୁ ଖରିଫ ଋତୁରେ ୯.୧୬ ହଜାର ହେକ୍ଟର ଜମିରେ ମକାଚାଷ ହୋଇଅଛି। ମାତ୍ର ଅମଳ ହେକ୍ଟର ପ୍ରତି ୧୫.୪୨ କ୍ୱିଣ୍ଟାଲରେ ସିମିତ ରହିଛି । ଚାଷିମାନେ ସୁଷମସାର ବ୍ୟବହାର କରିନଥିବା ହେତୁ ଫସଲ ରୁ ଆଶାନୁରୂପ ଅମଳ ପାଇପାରୁନାହାନ୍ତି । ଏହି ସମସ୍ୟାକୁ ଭିତ୍ତି କରି ଚଳିତ ଖରିଫ ଋତୁରେ ମକାପଦା, ଶବରପଲ୍ଲୀ ଏବଂ ଲୁବୁରୁ ସିଂ ଗ୍ରାମରେ ମକାଫସଲରେ ସମନ୍ୱିତ୍ ଖାଦ୍ୟସାର ପରିଚାଳନା ର ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଛି । ଚାଷୀମାନଙ୍କୁ ଜୈବିକ ସାର ଯଥାକ୍ରମେ ଆଜସ୍ପିରିଲମ୍ ୫୦୦ମି:ଲି:/ହେକ୍ଟର ଏବଂ ପି.ଏସ.ବି (୫୦୦ମି:ଲି: /ହେକ୍ଟର) ସହ ମୂଳସାର ହିସାବରେ ପଟାସ ଯୋଗାଇ ଦିଆଯାଇଥିଲା । ହେକ୍ଟର ପିଛା ହାରାହାରି ୫୩ କ୍ୱିଣ୍ଟାଲ ଅମଳ ମିଳି ପାରିଛି ଯାହାକି ପାରମ୍ପରିକ ପ୍ରଣାଳୀ ଠାରୁ ଶତକଡ଼ା ୬୫ ଭାଗ ଅଧିକ। ଏହାଦ୍ୱାରା ଜୈବସାରର ଉପଯୋଗିତା ଚାଷୀମାନେ ଉପଲବ୍ଧ କରିପାରିଛନ୍ତି ।



## ମହିଳାଚାଷୀଙ୍କ ପାଇଁ ଶ୍ରମଲାଘବ ଯନ୍ତ୍ରପାତିର କ୍ଷେତ୍ର ପରୀକ୍ଷଣ ଏବଂ ପ୍ରଦର୍ଶନ

ସାଧାରଣତଃ ମହିଳାମାନେ ହାତରେ ଚିନାବାଦାମରୁ ଚୋପାଛଡ଼ାଇଥାନ୍ତି ଯାହା ଅଧିକ ସମୟ ନେଇଥାଏ । ଏବଂ ହାତରେ ଯନ୍ତ୍ରଣା ସହ ଆଙ୍ଗୁଠିରେ କ୍ଷେତ ସୃଷ୍ଟି ହୋଇଥାଏ ଏବଂ ସେମାନଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଇଥାଏ । ଏହି ସମସ୍ୟା ନିରାକରଣ ପାଇଁ ଚିନାବାଦାମ ଚୋପା ଛଡ଼ାଇବା ପାଇଁ ଚୋପାଛଡ଼ା ଯନ୍ତ୍ର (Ground nut decorticator) ବ୍ୟବହାର ଉପରେ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଘଣ୍ଟାକରେ ହାତରେ ସର୍ବାଧିକ ୩କେଜି ମଞ୍ଜି ମିଳୁଥିବା ବେଳେ ଯନ୍ତ୍ର ସାହାଯ୍ୟରେ ପ୍ରାୟ ୧୦ ରୁ ୧୨ କିଲୋ ଛଡ଼ା ଯାଇପାରିବ ।

ସେହିପରି ମକାରୁ ହାତରେ ମଞ୍ଜି ଛଡ଼ାଇବା ଦ୍ୱାରା ମହିଳାମାନଙ୍କର ନଖ, ଆଙ୍ଗୁଠି ଏବଂ ପାପୁଲି ରେ କ୍ଷେତ ସୃଷ୍ଟିହୋଇ ଯନ୍ତ୍ରଣା ଦେଇଥାଏ । ମାତ୍ର ହସ୍ତଚାଳିତ କ୍ଷୁଦ୍ର ମକାଛଡ଼ା ଯନ୍ତ୍ର ସାହାଯ୍ୟରେ ଶିଘ୍ର ମଞ୍ଜି ଛଡ଼ାଇବା ସହ ସେମାନଙ୍କର ହାତରେ କୌଣସି କ୍ଷେତ ବା ଯନ୍ତ୍ରଣା ସୃଷ୍ଟି ହେଉନାହିଁ । ତାହା ସହିତ ଯନ୍ତ୍ର ଦ୍ୱାରା ଘଣ୍ଟା ପ୍ରତି ୨୦ କିଲୋ ମଞ୍ଜି ଛଡ଼ାଯାଇପାରୁଛି । ମାତ୍ର କେବଳ ହାତ ସାହାଯ୍ୟରେ ୨ରୁ୩ କିଲୋ ପର୍ଯ୍ୟନ୍ତ ସେହି ସମୟ ଭିତରେ ଛଡ଼ାଇ ହେଉଛି। ଏହାଦ୍ୱାରା ମହିଳାମାନେ ଅତି ସହଜରେ ଅବସର ସମୟରେ ମକାରୁ ଅଧିକ ମଞ୍ଜି ଛଡ଼ାଇ ପାରୁଛନ୍ତି । ତେଣୁ





ସେମାନଙ୍କର ସମୟ ସଞ୍ଚିତ ହେବା ସହିତ କାର୍ଯ୍ୟଦକ୍ଷତା ବୃଦ୍ଧିପାଉଛି । ଯାହାଦ୍ୱାରା ସେମାନେ ଆନୁସଙ୍ଗିକ ଧନ୍ଦା ଏବଂ ଘର କାମରେ ଅଧିକ ସମୟ ନିୟୋଜନ କରିପାରୁଛନ୍ତି ।

## ଯୁବ ଚାଷୀଙ୍କୁ ସମ୍ବର୍ଦ୍ଧନା



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୯ ତମ ପ୍ରତିଷ୍ଠା ଦିବସ (୨୪.୦୮.୧୦) ପାଳନ ଉତ୍ସବରେ ଗଜପତି ଜିଲ୍ଲାର ଅଗ୍ରଣୀ ଚାଷୀଭାବେ ରାୟଗଡ଼ା ଜିଲ୍ଲାର ସିନ୍ଧିବା ଗ୍ରାମର ଅଗ୍ରଣୀ ଯୁବଚାଷୀ ଶ୍ରୀ ବିଶ୍ୱନାଥ ଭୂୟାଁ ସମ୍ମାନିତ ହୋଇଥିଲେ। ଉନ୍ନତ ପ୍ରଣାଳୀରେ ଅଧିକ ଅମଳକ୍ଷମ ସପୁରୀ ଓ କମଳା ଚାଷ କରି ଏକର ପିଛା ବାର୍ଷିକ ୨୫,୦୦୦ଟଙ୍କା ପର୍ଯ୍ୟନ୍ତ ନେଟ୍ ଲାଭ ପାଇପାରିଛନ୍ତି, ଯାହା ଅନ୍ୟ ଯୁବଚାଷୀମାନଙ୍କୁ ଫଳଚାଷ ଦିଗରେ ଯଥେଷ୍ଟ ପ୍ରେରଣା ଦେଇଛି । ଶ୍ରୀ ଭୂୟଁଙ୍କୁ ମାନପତ୍ର ଏବଂ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ବିଶ୍ୱଖାଦ୍ୟ ଦିବସ ଓ ମହିଳାଚାଷୀ ଦିବସ ପାଳନ

ଖାଦ୍ୟ ଓ ପୁଷ୍ଟି ନୀରାପତ୍ତା ଉପରେ ଗୁରୁତ୍ୱାରୋପ କରି ମୋହନା ବ୍ଲକର ଗୋବିନ୍ଦପୁର ଗ୍ରାମରେ କୃଷିବିଜ୍ଞାନ କେନ୍ଦ୍ର ଆନୁକୁଲ୍ୟରେ ୧୬.୧୦.୧୦ ତାରିଖରେ ବିଶ୍ୱଖାଦ୍ୟ ଦିବସ ପାଳନ ହୋଇଥିଲା । ଆୟୋଜିତ ଉତ୍ସବରେ ଗ୍ରାମର ପୁରୁଷ ଓ ମହିଳା ଚାଷୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଖାଦ୍ୟଶସ୍ୟର ଉପଯୁକ୍ତ ରକ୍ଷଣାବେକ୍ଷଣା, ଜୈବିକ ବିବିଧତା ଖାଦ୍ୟର ସୁରକ୍ଷା ଉପରେ ବିଶେଷ ଆଲୋଚନା ହୋଇଥିଲା ।

ସେହିପରି ମହିଳାଚାଷୀ ଦିବସ ପାଳନ ଉପଲକ୍ଷେ ମହେନ୍ଦ୍ରଗଡ଼ ଗ୍ରାମରେ ୦୪.୧୨.୧୦ ତାରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଖଗ୍ରାମର ମହିଳା ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ । ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଫସଲରେ ଅଧିକ ଉତ୍ପାଦନ ପାଇଁ ଉନ୍ନତ ବୃଦ୍ଧି କୌଶଳ, ମୂଲ୍ୟଯୁକ୍ତ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତି, ଶ୍ରମିକ ସମସ୍ୟା ତଥା ଶ୍ରମଲାଘବ ଦ୍ୱାରା ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର ଏବଂ ସର୍ବପରି ଜୈବ ବିବିଧତାର ସଂରକ୍ଷଣ ଉପରେ ବିଷଦଆଲୋଚନା କରାଯାଇଥିଲା । କୃଷିବିଭାଗ ଓ ଉଦ୍ୟାନ ବିଭାଗର ଅଧିକାରୀ ମାନେ କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାଚାଷୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଯଥା - ଫୁଲଚାଷ, ମୋ ପୋଖରୀ, କୃଷି ଯାନ୍ତ୍ରିକରଣ ଆଦି ସରକାରୀ ପ୍ରୋତ୍ସହନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।

ପ୍ରକାଶକ ଓ ମୁଖ୍ୟ ସଂପାଦକ : ଡଃ ଶ୍ରୀମତୀ ବିଷ୍ଣୁପ୍ରିୟା ମିଶ୍ର
ସମ୍ପାଦକ : ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା
ସମ୍ପାଦନା ମଣ୍ଡଳୀ : ଶ୍ରୀ ବିମାନ ରଞ୍ଜନ ବେହେରା
ଶ୍ରୀ ଡେଭିଡ୍ ଜେମ୍ସ ବାଗେ
ଶ୍ରୀ ମାନସ ରଂଜନ ପଟ୍ଟନାୟକ

ପ୍ରାପ୍ତେଷୁ ______________________

______________________

ଯୋଗାଯୋଗ
କୃଷି ବିଜ୍ଞାନ କେନ୍ଦ୍ର, ଗଜପତି, ରା. ଉଦୟଗିରି-୭୬୧୦୧୬
ଫୋନ୍ - ୦୬୮୧୭୨-୪୦୩୬୨, Email:gajapatikvk@yahoo.co.in

ମୁଦ୍ରଣ:ଏ.ବି. ଇମେଜିଂ ଆଣ୍ଡ୍ ପ୍ରିଣ୍ଟସ୍ ପ୍ରା.ଲି:, ୬୨/୬୩, ଗଙ୍ଗନଗର, ୟୁନିଟ୍-୬, ଭୁବନେଶ୍ୱର - ୭୫୧୦୦୧ ଛପା - ୫୦୦